# Briefing on COVID-19 related issues for Heads of Diplomatic Missions and International Organizations in New Delhi

November 06, 2020

## ନୂଆଦିଲ୍ଲୀରେ କୂଟନୈତିକ ମିଶନ ଏବଂ ଆନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ପାଇଁ କୋଭିଡ-19 ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ସଂକ୍ଷିପ୍ତ ବିବରଣୀ

**ନଭେମ୍ବର** 06, 2020

1. ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ 6 ନଭେମ୍ବର 2020 ରେ ନୂଆଦିଲ୍ଲୀରେ କୂଟନୈତିକ ମିଶନ ତଥା ଆନ୍ତର୍ଜାତୀୟ ସଂଗଠନଗୁଡିକ ପାଇଁ କୋଭିଡ-19 ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଏକ ସଂକ୍ଷିପ୍ତ ଅଧିବେଶନ ଆୟୋଜନ କରିଥିଲା। କୂଟନୈତିକ ମିଶନ ଏବଂ ଆନ୍ତର୍ଜାତୀୟ ସଂଗଠନର 190 ରୁ ଅଧିକ ମୁଖ୍ୟ ଏବଂ ସେମାନଙ୍କର ପ୍ରତିନିଧୀମାନେ ଏହି ଅଧିବେଶନରେ ଭାଗ ନେଇଥିଲେ।

2. ମାର୍ଚ୍ଚ 2020 ଠାରୁ ଭାରତ କୋଭିଡ-19 ବିରୁଦ୍ଧରେ ମିଳିତ ଲଢେଇରେ ସହଯୋଗୀ ଦେଶମାନଙ୍କ ସହିତ ସକ୍ରିୟ ଭାବରେ ଜଡ଼ିତ ରହି ଔଷଧ, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ଚିକିତ୍ସା ଉପକରଣ ଯୋଗାଇ ଦେବା ସହ ପରୀକ୍ଷା ଏବଂ କେସ୍ ପରିଚାଳନା ପାଇଁ ଅନଲାଇନ୍ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି। ନିଜର ଟିକା ବିକାଶ କାର୍ଯ୍ୟକ୍ରମରେ ଅଗ୍ରଗତି କଲାବେଳେ ଭାରତ ପଡୋଶୀ ଦେଶମାନଙ୍କ ପାଇଁ କ୍ଲିନିକାଲ୍ ପରୀକ୍ଷା ଉପରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ଯେଉଁଥିରେ 8 ଟି ଦେଶର ପ୍ରାୟ 90 ଜଣ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ପଡୋଶୀ ତଥା ଅନ୍ୟ ଆଗ୍ରହୀ ଦେଶମାନଙ୍କ ସହିତ ଏହି ସହଯୋଗ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଆମେ ପ୍ରସ୍ତୁତ ଅଛୁ।

3. ଆଜିର ସଂକ୍ଷିପ୍ତ ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ନୀତି ଆୟୋଗର ସଦସ୍ୟ ଡକ୍ଟର ବିନୋଦ କେ ପାଲ, ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର କେ ବିଜୟ ରାଘବନ୍, ସ୍ୱାସ୍ଥ୍ୟ ସଚିବ ଶ୍ରୀ ରାଜେଶ ଭୂଷଣ, ବାୟୋଟେକ୍ନୋଲୋଜି ବିଭାଗର ସଚିବ ଡକ୍ଟର ରେଣୁ ସ୍ୱରୂପ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା, ବୈଜ୍ଞାନିକ ଓ ଔଦ୍ୟୋଗିକ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଶେଖର ମାଣ୍ଡେ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଇ-ଗଭର୍ନାନ୍ସ ବିଭାଗର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଶ୍ରୀ ଅଭିଷେକ ସିଂହ ସୂଚନା ଦେଇଥିଲେ। ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରିଙ୍ଗଲା ମଧ୍ୟ ଏହି ଏହି ଅଧିବେଶନରେ ଯୋଗ ଦେଇଥିଲେ।

4. ଅଂଶଗ୍ରହଣକାରୀମାନଙ୍କୁ ଭାରତ ଦ୍ୱାରା କୋଭିଡ-19 ର ପରିଚାଳନା, ନିଜର ଟିକା ବିକାଶ କାର୍ଯ୍ୟକ୍ରମ, ସଫ୍ଟୱେୟାର ଏବଂ ଟିକା ବିତରଣ ବ୍ୟବସ୍ଥା ତଥା ଆନ୍ତର୍ଜାତୀୟ ସହଯୋଗ ବିଷୟରେ ସୂଚନା ଦିଆଯାଇଥିଲା। ଏହା ସୂଚନା ଦିଆଯାଇଛି ଯେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କୂଟନୈତିକ ମିଶନ ଏବଂ ଆନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କର ପୁନେରେ ଏକ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରିବ ଯେଉଁଠାରେ ସେମାନେ କୋଭିଡ-19 ସମ୍ବନ୍ଧୀୟ ଅନୁସନ୍ଧାନ ଏବଂ ଟିକା ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ ଅନୁଷ୍ଠାନଗୁଡିକ ପରିଦର୍ଶନ କରିପାରିବେ।

**ନୂଆଦିଲ୍ଲୀ**

**ନଭେମ୍ବର** 06, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.